# ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଗ୍ରାମୀଣ ଅଞ୍ଚଳର ଲୋକମାନଙ୍କ ପାଇଁ ଏକ ଜୀବନରେଖା ସଦୃଶ। ଏହା ଦ୍ୱାରା ଶ୍ରମିକମାନେ ନିଜ ଅଧିକାର ଅନୁଯାୟୀ କାମ ପାଇ ଆର୍ଥିକ ସ୍ଥିରତା ଲାଭ କରୁଛନ୍ତି ଓ ଗ୍ରାମ ଉନ୍ନତି ସହିତ ଦେଶର ସମଗ୍ର ଉନ୍ନତି ଘଟୁଛି।

**ଉଦ୍ଦେଶ୍ୟ :**

- ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ପରିବାରର ପ୍ରାପ୍ତ ବୟସ୍କ ସଦସ୍ୟଙ୍କୁ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ପ୍ରତ୍ୟେକ ଆର୍ଥିକ ବର୍ଷରେ ସେମାନଙ୍କ ଦାବି ମୁତାବକ ଅତି କମରେ ୧୦୦ ଦିନର ସୁନିଶ୍ଚିତ କର୍ମ ନିଯୁକ୍ତି ପ୍ରଦାନ କରାଯିବା ।
- ଲୋକମାନଙ୍କୁ ମଜୁରି ରୋଜଗାର ଯୋଗାଇ ବିଭିନ୍ନ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ।
- ଗରିବ ତଥା ଆର୍ଥିକ ଅନଗ୍ରସର ଜନସାଧାରଣଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ସହ ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ।
- ପ୍ରାକୃତିକ ସମ୍ପଦର ସଠିକ ଉପଯୋଗ କରିବା ।
- ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ହେବା ।
- ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଦିବ୍ୟାଙ୍ଗ ଓ ମହିଳାମାନଙ୍କୁ ସଶକ୍ତିକରଣ ।

**ମନରେଗା ଯୋଜନା ଅଧୀନରେ କାର୍ଯ୍ୟ ଆଶାୟୀଙ୍କ ପ୍ରମୁଖ ଅଧିକାର:**

- ❖ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ଅତି କମ ରେ ୧୦୦ ଦିନ କର୍ମ ନିଯୁକ୍ତି ଦେବା ସୁନିଶ୍ଚିତ କରାଯିବ।
- ❖ ଗ୍ରାମାଞ୍ଚଳରେ ବସବାସ କରୁଥିବା, ପ୍ରତ୍ୟେକ ପରିବାରର ଅଣକୁଶଳୀ ଶ୍ରମ କରିବାକୁ ଇଚ୍ଛୁକ ପ୍ରାପ୍ତ ବୟସ୍କ ସଦସ୍ୟମାନେ ସେମାନଙ୍କର ନାମ, ବୟସ, ଏବଂ ଠିକଣା, ଗ୍ରାମ ପଞ୍ଚାୟତ ଠାରେ ଘରର ପଞ୍ଜିକରଣ ଓ ଜବ କାର୍ଡ ଜାରି କରିବା ନିମନ୍ତେ ଆବେଦନ କରିପାରିବେ ।
- ❖ ଆବେଦନ ପାଇବାର ୧୫ ଦିନ ମଧ୍ୟରେ ପରିବାର ଗୁଡିକୁର ଆବେଦନକୁ ଯଥାବିଧି ଯାଞ୍ଚ କରାଯାଇ ଜବ କାର୍ଡ ଜାରି କରିବା ।
- ❖ କାର୍ଯ୍ୟ ପାଇଁ ଦାବି/ ଆବେଦନ କରିବାର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆଯିବ।
- ❖ ମଜୁରି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ T+୮ ଦିନରେ ପ୍ରଦାନ କରାଯିବା ।
- ❖ ଆବେଦନକାରୀଙ୍କ ଆବେଦନ ପ୍ରାପ୍ତି ତାରିଖରୁ ପନ୍ଦର ଦିନ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଇନପାରିଲେ ମନରେଗା ଅଧିନିୟମ ଅନୁଯାୟୀ ଆବେଦନକାରୀଙ୍କୁ ଦୈନିକ ବେରୋଜଗାରୀ କାରୀ ଭତ୍ତା ପ୍ରଦାନ କରିବା ।
- ❖ କାମ ସ୍ଥଳ ଆବେଦକଙ୍କ ଘରରୁ୫ କି.ମି. ମଧ୍ୟରେ ରହିବା ଉଚିତ; ଏହାଠାରୁ ଦୂର ହେଲେ ଅତିରିକ୍ତ ଭତ୍ତା ପ୍ରଦାନ ।
- ❖ ପୁରୁଷ ଓ ମହିଳାଙ୍କୁ ସମାନ ମଜୁରି ପ୍ରଦାନ।
- ❖ କାମ ସ୍ଥଳରେ ପାଣି, ବିଶ୍ରାମ ସୁବିଧା ଓ ପ୍ରଥମିକ ଚିକିତ୍ସା ବ୍ୟବସ୍ଥା ନିଶ୍ଚିତ କରାଯିବା ।
- ❖ ଛୋଟ ଶିଶୁ ଥିବା ଶ୍ରମିକଙ୍କ ପାଇଁ କ୍ରେଚ୍ ବ୍ୟବସ୍ଥା ରହିବ। ।

**ବ୍ୟବସ୍ଥା (Provisions)**

- ❖ ଗ୍ରାମ ସଭା ମାଧ୍ୟମରେ କାମ ଚୟନ ଓ ପ୍ରାଥମିକତା ନିର୍ଦ୍ଧାରଣ କରାଯିବ।

- ❖ ଯୋଜନାର କାମଗୁଡ଼ିକ ଗ୍ରାମ ଉନ୍ନୟନ ଓ ପ୍ରାକୃତିକ ସମ୍ପଦ ସୁରକ୍ଷାକୁ ଗୁରୁତ୍ୱ ଦେବ।
- ❖ ମଜୁରି ଓ ସାମଗ୍ରୀ ଖର୍ଚ୍ଚର ଅନୁପାତ 60:40 ରଖାଯିବ।
- ❖ କାମରେ କୌଣସି ଠିକାଦାର ବା ମେସିନ ବ୍ୟବହାର କରାଯିବ ନାହିଁ (ଶ୍ରମ ଭିତ୍ତିକ କାମକୁ ଗୁରୁତ୍ୱ)।
- ❖ ସୋସିଆଲ ଆଡିଟ ମାଧ୍ୟମରେ କାର୍ଯ୍ୟର ସ୍ୱଚ୍ଛତା ଓ ଜବାବଦେହିତା ନିଶ୍ଚିତ କରାଯିବ।
- ❖ ମଜୁରି ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ବା ପୋଷ୍ଟ ଅଫିସ ଖାତାକୁ ଜମା କରାଯିବ।
- ❖ ମହିଳାଙ୍କ ପାଇଁ ଅତି କମରେ ୩୩ % କର୍ମନିଯୁକ୍ତି ସୁନିଶ୍ଚିତ କରାଯିବ।
- ❖ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଓ ଭୂମି ସୁଧାର କାମକୁ ପ୍ରାଥମିକତା ଦିଆଯିବ।

**ଆର୍ଥିକ ବର୍ଷ ୨୦୨୫ -୨୬  ରେ ନିଆଯାଇଥିବା ପ୍ରମୁଖ ପଦକ୍ଷେପ**

ଗ୍ରାମାଞ୍ଚଳର ଅନଗ୍ରସର ଓ ଦୁର୍ବଳ ବର୍ଗର ଜନସାଧାରଣଙ୍କ  ଜୀବନ  ଜୀବିକାକୁ ସୁଦୃଢ଼ କରିବା ପାଇଁ, ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇଅଛି ।

- ପ୍ରତ୍ୟେକ ଇଚ୍ଛୁକ ପରବାରଙ୍କୁ ଜବ କାର୍ଡ ପ୍ରଦାନ କରିବା ।
- ୨୦୨୫-୨୬ ଆର୍ଥିକ ବର୍ଷ ରେ ୧୨ କୋଟିରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ।
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଦ୍ୱାରା ସର୍ବନିମ୍ନ ୫୦% ଶ୍ରମ ଦିବସ ସୃଷ୍ଟି କରିବା।
- ମହିଳା ହିତାଧିକାରୀଙ୍କ ଦ୍ୱାରା ସର୍ବନିମ୍ନ ୩୩.୩% ଶ୍ରମ ଦିବସ ସୃଷ୍ଟି କରିବା ।
- ବିଭିନ୍ନ ଲାଇନ ବିଭାଗ ସହ ଫଳପ୍ରଦ ଓ ପ୍ରଭାବଶାଳୀ ସମନ୍ୱୟ ଦ୍ୱାରା ସମ୍ବଳ ସୃଷ୍ଟି କରିବା ।
- ଜଳ ସଂରକ୍ଷଣ ପ୍ରକଳ୍ପ, ବୃକ୍ଷରୋପଣ, କୃଷି ପୋଖରୀ ଖନନ, ସେଚ କୂପ ଖନନ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଜମି ଉନ୍ନତିକରଣ ଆଦି ପ୍ରକଳ୍ପ ନିର୍ମାଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ।
- ଦାଦନ ପ୍ରବାସନ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା "State Support to MGNREGS" ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପାଇଁ ନିର୍ଦ୍ଧାରିତ ହୋଇଥିବା ମଜୁରି ବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ନିଜସ୍ୱ ପାଣ୍ଠିରୁ ପ୍ରତ୍ୟେକ ଶ୍ରମିକଙ୍କୁ ପ୍ରତିଦିନ ୯୮ ଟଙ୍କା ଅତିରିକ୍ତ ମଜୁରୀ ପ୍ରଦାନ କରାଯାଉଛି । ଏହି ମଜୁରି ହାରରେ ୯ଟି ଜିଲ୍ଲା ଯଥା ବଲାଙ୍ଗୀର, ବରଗଡ, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ରାୟଗଡ଼, ଗଜପତି, କନ୍ଧମାଳ ଓ ନବରଙ୍ଗପୁରର ୩୦ଟି ଦାଦନ ପ୍ରବଣ ବ୍ଲକରେ MGNREGA ଆଇନ ଅନୁଯାୟୀ ନିଶ୍ଚିତ ୧୦୦ ଦିନର କାର୍ଯ୍ୟ ବ୍ୟତୀତ ଅତିରିକ୍ତ ୨୦୦ ଦିନର କାମ ଯୋଗାଇ ଦିଆଯାଇଛି।

- ୯୮% ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠିକ ସମୟରେ ମଜୁରୀ ପ୍ରଦାନ ।
- ଦ୍ୱିତୀୟ ପର୍ଯ୍ୟାୟ ଅମୃତ ସରୋବର ମିଶନ ମାଧ୍ୟମରେ ୦୧.୦୧.୨୦୨୬ ସୁଦ୍ଧା  ୭୩୦୫ ଅମୃତ ସରୋବର ଚିହ୍ନଟ କରାଯାଇଛି।

<u>ସଫଳତା</u>

**୧. ଯୁକ୍ତଧାରା:** ଏହା ଏକ ଭୂ-ସ୍ଥାନୀୟ (Geo-Spatial) ଯୋଜନା ପ୍ଲାଟଫର୍ମ ଯାହା ମହାତ୍ମା ଗାନ୍ଧି ନରେଗା ଯୋଜନାରେ ପ୍ରକଳ୍ପ ଚୟନ ପ୍ରକ୍ରିୟାରେ ସଠିକ ନିଷ୍ପତ୍ତି ନେବାରେ ସହାୟତା କରିବା ପାଇଁ ବିକଶିତ ହୋଇଛି। ଏହା ସ୍ୱତନ୍ତ୍ର ତଥ୍ୟକୁ ଏକତ୍ରିତ କରି ଏବଂ ଯୋଜନା କାର୍ଯ୍ୟପ୍ରଣାଳୀକୁ ସରଳ କରି ଗ୍ରାମୀଣ ବିକାଶ କାର୍ଯ୍ୟର ଯୋଜନା ଏବଂ କାର୍ଯ୍ୟାନ୍ୱୟନକୁ ସୁଗମ କରିବାରେ ସାହାଯ୍ୟ କରେ। ପାଇଲଟ୍ ଗ୍ରାମ ପଞ୍ଚାୟତ ଭାବରେ ପ୍ରତି ବ୍ଲକରେ ଗୋଟିଏ ଗ୍ରାମ ପଞ୍ଚାୟତ ହିସାବରେ ମୋଟ୍ ୩୧୪ ଟି ଗ୍ରାମ ପଞ୍ଚାୟତରେ ଯୁକ୍ତଧାରା ପୋର୍ଟାଲ୍ ମାଧ୍ୟମରେ ଯୋଜନା ସମ୍ପୂର୍ଣ୍ଣ ହୋଇଛି ।

**୨. ଟାସ୍କ ଫୋର୍ସ** :  ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ କ୍ରୀଡା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଗ୍ରାମୀଣ ବିକାଶ ବିଭାଗ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ମାନ୍ୟବର ମନ୍ତ୍ରୀ ଏବଂ ସଚିବମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ୨୦୨୪ ମସିହାରେ ଗଠିତ ହୋଇ କାର୍ଯ୍ୟ କରୁଛି ଯାହା ଦାଦନ ପ୍ରବାସନ ସମସ୍ୟା ଉପରେ ସମ୍ପୂର୍ଣ୍ଣ ଭାବରେ ବିଚାର ବିମର୍ଶ କରୁଛି ।

- ଆଜି ପର୍ଯ୍ୟନ୍ତ ଟାସ୍କ ଫୋର୍ସର ତିନୋଟି ବୈଠକ ଅନୁଷ୍ଠିତ ହୋଇଛି ।
- ଉଚ୍ଚସ୍ତରୀୟ ଟାସ୍କ ଫୋର୍ସର ନିଷ୍ପତ୍ତି ଅନୁଯାୟୀ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଗ୍ରହଣ କରାଯାଇଛି:

୧. ଟାସ୍କ ଫୋର୍ସ ନିମନ୍ତେ ବିଭିନ୍ନ ଯୋଜନା ସୁପାରିଶ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଛି।

୨. ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଆମ ରାଜ୍ୟର ପ୍ରବାସନ ବହୁଳ ସ୍ଥାନ ଏବଂ ପ୍ରବାସନ ଗନ୍ତବ୍ୟସ୍ଥଳଗୁଡ଼ିକୁ ପରିଦର୍ଶନ କରିବା ପାଇଁ ଦୁଇଟି ଦଳ ଗଠନ କରାଯାଇଛି।

୩. "State Support to MGNREGS" ର କାର୍ଯ୍ୟକାଳ ଆଉ ଚାରି ବର୍ଷ ପାଇଁ ଯଥା ୦୧.୧୨.୨୦୨୫ ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।